| ୭୦ | ୧୦୮୩ | ୧୨୫୮ | ୦.୦୧ | ୦.୦୧ | ଶାରଦ–୨ | ବାଇଧର ପରିଡ଼ା, ପି: ଧୁରୁଳୁ ପରିଡ଼ା, ବା: ଓଲଗଡ଼ା |
| ୭୧ | ୧୦୯୦ | ୧୯୨ | ୦.୩୮ | ୦.୨୨ | ପତିତ | ବାଇଧର ମହାରଣା, ପି: ଭାବନ ମହାରଣା, ବା: ଜଗନ୍ନାଥୀ |
| ୭୨ | ୧୦୯୫ | ୬୭୦ | ୦.୦୮ | ୦.୦୬ | ଶାରଦ–୨ | ବାଇଧର ସାହୁ, ପି: ମଦନ ସାହୁ ଓଗେର, ବା: ବଳିବିନ୍ଧା |
| | | ୬୭୬ | ୦.୦୯ | ୦.୦୭ | ଶାରଦ–୨ | |
| | | ୫୮୨ | ୦.୧୫ | ୦.୧୫ | ଶାରଦ–୨ | |
| ୭୩ | ୧୦୯୯ | ୭୨୩ | ୦.୦୭ | ୦.୦୭ | ଶାରଦ–୨ | ବାଇଧର ମଳିକ, ପି: ଗୋପି ମଳିକ, ବା: ବଳିବିନ୍ଧା |
| | | ୩୩୭ | ୦.୧୧ | ୦.୦୮ | ଶାରଦ–୩ | |
| | | ୩୩୫ | ୦.୦୮ | ୦.୦୮ | ଶାରଦ–୩ | |
| | | ୧୦୧ | ୦.୦୩ | ୦.୦୩ | ଶାରଦ–୩ | |
| ୭୪ | ୧୧୦୩ | ୧୨୨୪ | ୦.୧୪ | ୦.୧୪ | ଶାରଦ–୨ | ବାଇଧର ମଳିକ, ପି: ମଥୁରୀ ମଳିକ ଓଗେର, ବା: ସୁଦର୍ଶନପୁର |
| | | ୧୨୨୫ | ୦.୩୫ | ୦.୦୯ | ଶାରଦ–୨ | |
| ୭୫ | ୧୧୦୫ | ୧୨୨୨ | ୦.୯୧ | ୦.୦୬ | ଶାରଦ–୨ | ବାଇଧର ମଳିକ, ପି: ମଥୁରୀ ମଳିକ ଓଗେର, ବା: ସୁଦର୍ଶନପୁର |
| ୭୬ | ୧୧୧୪ | ୫୩୦ | ୦.୩୬ | ୦.୦୨ | ଶାରଦ–୨ | ବାଉଲି ମଳିକ, ପି: ମଧୁ ମଳିକ, ବା: ବଳିବିନ୍ଧା |
| ୭୭ | ୧୧୬୩ | ୪୩୨୪ | ୦.୧୧ | ୦.୦୫ | ଶାରଦ–୩ | ବାଳି ବେଓ୍ୱା, ସ୍ୱା: ପଚୁ ବେହେରା ଓଗେର, ବା: ଚୁଡ଼ାମଣି |
| ୭୮ | ୧୧୭୪ | ୧୯୩୬ | ୦.୨୧ | ୦.୦୬ | ଶାରଦ–୨ | ବାସୁଦେବ ପାଢ଼ୀ, ପି: ଧ୍ରୁବ ପାଢ଼ୀ, ବା: ଚୁଡ଼ାମଣି |
| ୭୯ | ୧୧୯୨ | ୧୯୯୨ | ୦.୦୭ | ୦.୦୭ | ଶାରଦ–୨ | ବିଦ୍ୟାଧର ବେହେରା, ପି: ଦୁରୀ ବେହେରା, ବା: ଚୁଡ଼ାମଣି |
| | | ୧୭୦୭ | ୦.୦୫ | ୦.୦୫ | ଶାରଦ–୨ | |
| ୮୦ | ୧୨୧୮ | ୧୪୮୮ | ୦.୦୪ | ୦.୦୪ | ଶାରଦ–୨ | ବିଶୁ ପଲେଇ, ମଙ୍ଗ ପଲେଇ, ପି: ପୁରୀ ପଲେଇ, ବା: ଓଲଗଡ଼ା |
| ୮୧ | ୧୨୨୩ | ୧୨୯୮ | ୦.୦୪ | ୦.୦୩ | ଶାରଦ–୨ | ବୁଦ୍ଧି ରାଉତ, ପି: ବଲ୍ଲଭ ରାଉତ, ବା: ଓଲଗଡ଼ା |
| ୮୨ | ୧୨୩୩ | ୧୫୮୬ | ୦.୦୨ | ୦.୦୨ | ଶାରଦ–୩ | ବେଙ୍ଗ ଦେବୀ, ସ୍ୱା: କାଶୀନାଥ ସାମଲ ଓଗେର, ବା: ଅଚ୍ଛୁଆଁ |
| ୮୩ | ୧୨୨୯ | ୬୭୨ | ୦.୦୩ | ୦.୦୩ | ଶାରଦ–୨ | ବୃନ୍ଦାବନ ମାହୁନ୍ତ, ପି: କେଳେଇ ମାହୁନ୍ତ, ବା: ବଳିବିନ୍ଧା |
| | | ୬୯୫ | ୦.୦୩ | ୦.୦୩ | ଶାରଦ–୨ | |
| | | ୬୯୭ | ୦.୦୪ | ୦.୦୪ | ଶାରଦ–୨ | |
| ୮୪ | ୧୨୩୭ | ୫୮୯ | ୧.୦୨ | ୦.୦୬ | ଶାରଦ–୨ | ବୈକୁଣ୍ଠ ବେହେରା ଓଗେର, ପି: ଭିକାରୀ, ବା: ବଳିବିନ୍ଧା |
| ୮୫ | ୧୨୩୮ | ୬୯୮ | ୦.୨୮ | ୦.୨୦ | ଶାରଦ–୨ | ବୈକୁଣ୍ଠ ବେହେରା ଓଗେର, ପି: ଭିକାରୀ, ବା: ବଳିବିନ୍ଧା |
| ୮୬ | ୧୨୫୦ | ୧୨୫୭ | ୦.୪୯ | ୦.୧୩ | ଶାରଦ–୨ | ବୈରାଗୀ ପରିଡ଼ା, ପି: ରଘୁ, ବା: ଓଲଗଡ଼ା |
| | | ୧୨୯୪ | ୦.୫୦ | ୦.୧୨ | ଶାରଦ–୨ | |
| | | ୧୩୦୮ | ୦.୨୪ | ୦.୧୮ | ଶାରଦ–୨ | |
| ୮୭ | ୧୨୬୨ | ୩୪୩ | ୦.୬୩ | ୦.୦୮ | ଶାରଦ–୩ | ବୈରାଗୀ ମଳିକ, ପି: ଦିନେଇ ମଳିକ ଓଗେର, ବା: ବଳିବିନ୍ଧା |
| ୮୮ | ୧୨୬୩ | ୫୩୨ | ୦.୧୭ | ୦.୧୦ | ଶାରଦ–୨ | ବୈରାଗୀ ମଳିକ, ପି: ଦିନେଇ ମଳିକ, ବା: ବଳିବିନ୍ଧା |
| ୮୯ | ୧୨୬୮ | ୮ | ୦.୪୪ | ୦.୦୫ | ଶାରଦ–୨ | ବୈରାଗୀ ନାୟକ, ପି: ହନୁ, ବା: ସୁଦର୍ଶନପୁର |
| | | ୧୦ | ୦.୦୬ | ୦.୦୬ | ଶାରଦ–୩ | |
| ୯୦ | ୧୨୮୦ | ୧୯୫୫ | ୦.୧୧ | ୦.୦୫ | ଶାରଦ–୨ | ଭଗବାନ ନାୟକ ଓଗେର, ପି: କାଙ୍ଗାଳି, ବା: ଚୁଡ଼ାମଣି |
| ୯୧ | ୧୩୩୨ | ୮୦୫ | ୦.୦୨ | ୦.୦୨ | ପତିତ | ଭାଗିରଥୀ ପ୍ରସାଦ ରାୟ, ପି: ଉପେନ୍ଦ୍ର, ବା: ଚୁଡ଼ାମଣି |
| ୯୨ | ୧୩୪୫ | ୮୦୭/୮୫୭୯ | ୦.୦୪ | ୦.୦୪ | ଶାରଦ–୨ | ଭବନ ନାୟକ, ପି: ସିରେଇ, ବା: ଚୁଡ଼ାମଣି |
| | | ୮୦୩/୮୫୭୮ | ୦.୨୫ | ୦.୦୭ | ଶାରଦ–୨ | |
| | | ୧୯୪୪/୮୫୮୧ | ୦.୧୧ | ୦.୧୧ | ଶାରଦ–୨ | |
| | | ୧୯୬୩/୮୫୮୨ | ୦.୦୫ | ୦.୦୫ | ଶାରଦ–୨ | |
| ୯୩ | ୧୩୫୬ | ୧୨୨୬ | ୦.୨୩ | ୦.୧୨ | ଶାରଦ–୨ | ଭାସ୍କର ମଲ୍ଲିକ, ପି: ରାଧୁ ମଲ୍ଲିକ, ବା: ସୁଦର୍ଶନପୁର |
| ୯୪ | ୧୩୬୪ | ୯୮ | ୦.୦୩ | ୦.୦୧ | ଶାରଦ–୩ | ଭାସ୍କର ମଲ୍ଲିକ, ପି: ନଣ୍ଡେଇ ମଲ୍ଲିକ, ବା: ବଳିବିନ୍ଧା |
| ୯୫ | ୧୩୬୯ | ୨୦୧୨ | ୦.୩୮ | ୦.୨୪ | ଶାରଦ–୨ | ଭାସ୍କର ପ୍ରସାଦ ବେହେରା ଓଗେର, ପି: ବନମାଳି, ବା: ଚୁଡ଼ାମଣି |
| | | ୧୭୦୦ | ୦.୦୮ | ୦.୦୮ | ଶାରଦ–୨ | |
| ୯୬ | ୧୩୯୯ | ୧୫୮୪ | ୦.୦୨ | ୦.୦୨ | ଶାରଦ–୩ | ଭିକାରୀ ସାମଲ, ସୁରେନ୍ଦ୍ର ସାମଲ, ପି: ପାଣ୍ଡୁ ସାମଲ, ବା: ଆଚୁହାଁ ସାମିଲ, ନନ୍ଦପୁର |
| ୯୭ | ୧୪୬୪ | ୭୧୫ | ୦.୦୬ | ୦.୦୪ | ଶାରଦ–୨ | ମଦନ ବେହେରା, ପି: କୃପା, ବା: ବଳିବିନ୍ଧା |
| ୯୮ | ୧୪୭୧ | ୧୦୧୧ | ୦.୦୮ | ୦.୦୬ | ଶାରଦ–୩ | ମଧୁ ସାହୁ ଓଗେର, ପି: ଗୋବିନ୍ଦ, ବା: ଚୁଡ଼ାମଣି |
| ୯୯ | ୧୪୮୦ | ୨୨୧ | ୦.୧୯ | ୦.୧୯ | ଶାରଦ–୩ | ମହେନ୍ଦ୍ର ମଳିକ, ପି: ସାଧୁ ମଳିକ ଓଗେର, ବା: ଚୁଡ଼ାମଣି |
| ୧୦୦ | ୧୫୦୬ | ୧୨୫୬ | ୦.୧୦ | ୦.୦୪ | ଶାରଦ–୨ | ମନା ନାୟକ, ପି: କାହ୍ନୁ ନାୟକ, ବା: ଓଲଗଡ଼ା |
| | | ୧୫୬୩ | ୦.୦୪ | ୦.୦୪ | ଶାରଦ–୨ | |
| ୧୦୧ | ୧୫୦୭ | ୧୦୮୫ | ୦.୪୩ | ୦.୪୩ | ଶାରଦ–୩ | ମନା ବାରିକ, ପି: ନିଧି ବାରିକ, ବା: ବଳିବିନ୍ଧା |
| ୧୦୨ | ୧୫୧୨ | ୧୭୯ | ୦.୧୧ | ୦.୧୧ | ଶାରଦ–୩ | ମିନା ଦାସ, ଦୁଃଖି ଦାସ, ପି: ନନ୍ଦ ଦାସ, ବା: ବଳିବିନ୍ଧା |
| | | ୧୭୭ | ୦.୦୯ | ୦.୦୯ | ଶାରଦ–୩ | |
| ୧୦୩ | ୧୫୨୨ | ୬୯୪ | ୦.୩୭ | ୦.୧୮ | ଶାରଦ–୨ | ମୁଳି ମୁଦୁଲି, ପି: କସ୍ତୁରୀ, ବା: ବଳିବିନ୍ଧା |
| ୧୦୪ | ୧୫୬୦ | ୪୧୦ | ୦.୨୦ | ୦.୨୦ | ପତିତ | ରଘୁ ମଳିକ ଓଗେର, ପି: କୁଟୁ, ବା: ବଳିବିନ୍ଧା |
| | | ୯୩୨ | ୦.୧୫ | ୦.୧୫ | ଶାରଦ–୩ | |
| ୧୦୫ | ୧୫୬୧ | ୧୯୦୦ | ୦.୪୧ | ୦.୦୨ | ଶାରଦ–୨ | ରଘୁନାଥ ଯେନା, ପି: ମଧୁ ଯେନା, ମଧୁ ଯେନା ଓଗେର, ବା: ଚୁଡ଼ାମଣି |
| ୧୦୬ | ୧୫୬୨ | ୯୮୪ | ୦.୦୫ | ୦.୦୩ | ଶାରଦ–୨ | ରତନ ଦେଇ, ସ୍ୱା: ମଧୁ ଦଳେଇ ଓଗେର, ବା: ସୁଦର୍ଶନପୁର |
| ୧୦୭ | ୧୫୯୬ | ୬ | ୦.୬୫ | ୦.୧୪ | ଶାରଦ–୩ | ରମାକାନ୍ତ ନାୟକ, ପି: ସାଧୁ, ବା: ସୁଦର୍ଶନପୁର |

SEE NEXT

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ନାବାଳକ ମୃତ

**କାମାକ୍ଷାନଗର, ୨୮।୧(ଡି.ଏନ.ଏ.):** କଙ୍କଡ଼ାହାଡ଼ ଥାନା ବାହାଡ଼ପାଳ ଗ୍ରାମରେ ମଙ୍ଗଳବାର ପୂର୍ବାହ୍ନରେ ବିଦ୍ୟୁତ୍ ଆଘାତରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପ୍ରଶାନ୍ତ ମହାନ୍ତ (୧୬)। ପ୍ରଶାନ୍ତ ଜଣେ ଠିକାଦାରଙ୍କ ପାଖରେ କାମ କରୁଥିଲେ। ଟୁଲୁ ପମ୍ପ ଲଗାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ ତଦନ୍ତ ଚଳାଇଛି।

### ତ୍ରିରଙ୍ଗା ତଳେ ସଭିଏଁ ଏକାକାର

**ହିନ୍ଦୋଳ, ୨୮।୧(ଡି.ଏନ୍.ଏ.):** ହିନ୍ଦୋଳ କଚେରି ପଡ଼ିଆରେ ରବିବାର ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଉପଜିଲାପାଳ ଉଦୟନାଥ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ସେହିପରି ସିଭିଲକୋର୍ଟରେ ସବ୍ ଜଜ୍ ସି.ଏଚ୍.ବାସୁଦେବ ପାତ୍ର,ଏନ୍ଏସିରେ ଅଧକ୍ଷା ରୀନା ବେହେରା, ବ୍ଲକରେ ଅଧକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ତହସିଲ କାର୍ଯ୍ୟାଳୟରେ ତହସିଲଦାର ଅଜୟ କୁମାର ମଲ୍ଲିକ, ଥାନାରେ ଏସ୍‌ଡିପିଓ ସୁଧାକର ଜେନା, ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ।

# ଅସମ୍ପୂର୍ଣ୍ଣ ଘର ଆଗରେ ପ୍ରଶାସକଙ୍କ ଧାରଣା

**କାମାକ୍ଷାନଗର, ୨୮।୧(ଡି.ଏନ.ଏ.)**

ଆବାସ ଯୋଜନାରେ ପୁଳାପୁଳା ଦୁର୍ନୀତିକୁ ନେଇ ନିନ୍ଦିତ ହେଉଛି ଢେଙ୍କାନାଳ ଜିଲା ପ୍ରଶାସନ। ବିଶେଷ କରି ପରଜଙ୍ଗ, କଙ୍କଡ଼ାହାଡ଼ ବ୍ଲକରେ ଏହା ସୀମା ଟପିଛି। ହେଲେ କାମାକ୍ଷାନଗର ବ୍ଲକରୁ ଏହାର ଓଲଟା ଚିତ୍ର ପଦାକୁ ଆସିଛି। ପ୍ରଶାସନିକ ସହଯୋଗ ସତ୍ତ୍ୱେ ନିର୍ଦ୍ଧାରିତ ସମୟ ସୀମା ଟପିଯାଇଥିଲେ ମଧ୍ୟ

**■ଆବାସ କାମ ସାରିବାକୁ ଅଭିନବ ପ୍ରତିବାଦ**

**■୧୬୬୭ ଗୃହ ମଧ୍ୟରୁ ୬୨୮ ଅସମ୍ପୂର୍ଣ୍ଣ**

କାମ ଶେଷ କରୁନାହାନ୍ତି ହିତାଧିକାରୀ। ଏହାର ପ୍ରତିବାଦରେ ବିଡିଓ ଏବଂ ଜନ ପ୍ରତିନିଧିମାନେ ଏକାଠି ହୋଇ ଗୃହ କାର୍ଯ୍ୟ ସାରିବାରେ ଅବହେଳା କରୁଥିବା ହିତାଧିକାରୀଙ୍କ ଘର ସମ୍ମୁଖରେ ମଙ୍ଗଳବାର ପ୍ରତୀକାତ୍ମକ ଧାରଣା ଦେଇଛନ୍ତି, ଯାହାକୁ ନେଇ ଏବେ ଆରମ୍ଭ ହୋଇଛି ଚର୍ଚ୍ଚା।

ସୂଚନାଯୋଗ୍ୟ, କାମାକ୍ଷାନଗର ବ୍ଲକରେ ଗ୍ରାମୀଣ ଆବାସ ଯୋଜନାରେ ୨୦୧୯ ବର୍ଷରେ ୫୦୫ ଏବଂ ୨୦୨୦



ବିଡିଓଙ୍କ ନେତୃତ୍ୱରେ ପ୍ରଶାସନିକ ଅଧିକାରୀ ଏବଂ ଜନପ୍ରତିନିଧି ଧାରଣାରେ ବସିଛନ୍ତି।

ବର୍ଷଲାଗି ୧୧୬୨ ଗୃହ ନିର୍ମାଣ ଲାଗି ଲକ୍ଷ୍ୟ ରଖାଯାଇଛି। ମୋଟ ୧୬୬୭ ଗୃହ ମଧ୍ୟରୁ ୧୦୩୯ଟି ସମ୍ପୂର୍ଣ୍ଣ ହୋଇଛି। ୬୨୮ ଘରକାମ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି। ତନ୍ମଧ୍ୟରୁ କେବଳ ତୁମୁସିଙ୍ଗା ପଞ୍ଚାୟତରେ ସର୍ବାଧିକ ୧୨୭ ହିତାଧିକାରୀଙ୍କ ଘର ଅଧାପନ୍ତରିଆ ଅବସ୍ଥାରେ ରହିଛି। ପ୍ରଶାସନ ଏବଂ ଜନପ୍ରତିନିଧିଙ୍କ ପକ୍ଷରୁ ବାରମ୍ବାର ତାଗିଦ୍, ଅନୁରୋଧ ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ଏହାର ପ୍ରତିବାଦରେ ବିଡିଓ ବିକାଶ କୁମାର ମହାନ୍ତିଙ୍କ ନେତୃତ୍ୱରେ ପ୍ରଶାସନିକ ଅଧିକାରୀ ଏବଂ ନିର୍ବାଚିତ ପ୍ରତିନିଧିମାନେ ହିତାଧିକାରୀ ରଙ୍ଗବତୀ ସାହୁ, ଅନୁପମା ସାହୁ, ବିଳାସ ନାୟକ, ଦୋଳଗୋବିନ୍ଦ ସାହୁ ପ୍ରମୁଖଙ୍କ ଅସମ୍ପୂର୍ଣ୍ଣ ଘର ଆଗରେ ପ୍ରତୀକାତ୍ମକ ଧାରଣା ଦେଇଥିଲେ। ତୁମୁସିଙ୍ଗା ଗ୍ରାମ ସଭାପତି ସଲିଳ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ପରେ ଏକ ସଭା କରାଯାଇଥିଲା। ଗ୍ରାମର ସମ୍ମାନ ରକ୍ଷା ପାଇଁ ଯଥାଶୀଘ୍ର ଘର କାର୍ଯ୍ୟ ଶେଷ କରିବାକୁ ଗ୍ରାମ ସଭାପତି ହିତାଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ହିତାଧିକାରୀଙ୍କଠାରୁ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ମହାରଣା, କନିଷ୍ଠ ଯନ୍ତ୍ରୀ ନୃସିଂହ ଚରଣ ପୃଷ୍ଟି, ସରପଞ୍ଚ ମୀନକେତନ ନାୟକ, ଲଳିତ ସାହୁ, ଶିଶିର ବେହେରା, ପିଇଓ ଗୋବର୍ଦ୍ଧନ ସାହୁ, ଅର୍ଜୁନ ରାଉଳ, ରୁଦ୍ରନାରାୟଣ ପଣ୍ଡା, ଜିଆର୍‌ଏସ ତରଣୀସେନ ସ୍ୱାଇଁ ପ୍ରମୁଖ ବିଡିଓଙ୍କ ସହ ଧାରଣାରେ ସାମିଲ ହୋଇଥିଲେ।

# ପ୍ରତିଶ୍ରୁତି ଦେଲେ, କାମ ଆରମ୍ଭ କଲେ

**ଭୁବନ/ପରଜଙ୍ଗ, ୨୮।୧(ଡି.ଏନ.ଏ.)**

ଭୁବନ ବ୍ଲକ ଭୁଷଳ ପଞ୍ଚାୟତରେ ୨୦୧୬ –୧୭ ଏବଂ ୨୦୧୯–୨୦ ଆର୍ଥିକ ବର୍ଷରେ ମଞ୍ଜୁର ହୋଇଥିବା ଗ୍ରାମୀଣ ଆବାସ କାର୍ଯ୍ୟାଦେଶ ମଧ୍ୟରୁ ୭୬ ଜଣ ହିତାଧିକାରୀ ଅଦ୍ୟାବଧି ଘର କାମ ଶେଷ କରିନାହାନ୍ତି। ବାରମ୍ବାର ନୋଟିସ ସତ୍ତ୍ୱେ ଏଥିପ୍ରତି କେହି ଗୁରୁତ୍ୱ ଦେଉନାହାନ୍ତି। ଏହାର ପ୍ରତିବାଦରେ ବିଡିଓ ଆଶୀର୍ବାଦ ପରିଡ଼ାଙ୍କ ନିର୍ଦ୍ଦେଶରେ ପ୍ରଶାସନିକ ଅଧିକାରୀମାନେ ଜୟପୁର ଗ୍ରାମର ସମ୍ପୃକ୍ତ ହିତାଧିକାରୀଙ୍କ ଘର ସମ୍ମୁଖରେ ଧାରଣା ଦେଇଥିଲେ। ବିଡିଓ, ସହକାରୀ ଯନ୍ତ୍ରୀ ଶ୍ରୀମନ୍ତ ନାରାୟଣ ଆଚାର୍ଯ୍ୟ ପହଞ୍ଚି ବୁଝାଶୁଝା କରିବା ପରେ ୨ଜଣ ହିତାଧିକାରୀ ଘର କାମ ଆରମ୍ଭ କରିଛନ୍ତି। ପିଇଓ ପ୍ରଫୁଲ୍ଲ ସେନାପତି, ରଞ୍ଜନ ଦେହୁରୀ, ସନ୍ତୋଷ ସାହୁ, ମାନସ କର, ପଞ୍ଚାନନ ସାହୁ, ହେମଲତା ନାୟକ, ପଙ୍କଜଲୋଚନ ମହାଲିକ, ଜିଆର୍‌ଏସ୍ ଅଜୟ ଶତପଥୀ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।

ସେହିପରି ପରଜଙ୍ଗ ବିଡିଓ ବସନ୍ତ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଖଣ୍ଡୁଆଳମୁଣ୍ଡା ଗ୍ରାମରେ ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ବେହେରା, ଗଡ଼ପରଜଙ୍ଗ ସମିତିସଭ୍ୟ ମୀନକେତନ ସାମଲ, ଯନ୍ତ୍ରୀ ସଞ୍ଜୟ ଲେଙ୍କା, ପିଇଓ ବିନୋଦ କୁମାର ବେହେରା ପ୍ରମୁଖ ହିତାଧିକାରୀ ଶିବ ଭୂତିଆ, ସତ୍ୟଭାମା ଅମାନ୍ତ, ଭାଗିରଥୀ ଅମାନ୍ତଙ୍କ ଘର ଆଗରେ ଧାରଣା ଦେଇଥିଲେ। ୩ଦିନ ମଧ୍ୟ ଘର କାମ ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ଭୁବନ: ପ୍ରତିଶ୍ରୁତି ପରେ ହିତାଧିକାରୀ ଘରକାମ ଆରମ୍ଭ କରିଛନ୍ତି।

# ଯୌତୁକ ପାଇଁ ହତ୍ୟା

**ଓଡ଼ାପଡ଼ା, ୨୮।୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଗୁଡ଼ିଆକାଟେଣୀ ଛକ ନିକଟ ନାଣ୍ଡିପୋଲିଆ ଅଞ୍ଚଳରେ ରହୁଥିବା ସବିତା ନାଏକ (୨୫)ଙ୍କୁ ଯୌତୁକ ପାଇଁ ତଣ୍ଟି କାଟି ନିର୍ମମ ଭାବେ ହତ୍ୟା

**■ତଣ୍ଟିକଟା ଅବସ୍ଥାରେ ମହିଳାଙ୍କ ମୃତଦେହ ଉଦ୍ଧାର**

**■ସ୍ୱାମୀ ଶାଶୁ ଗିରଫ, ରକ୍ତଭିଜା ପନିକି ଜବତ**

କରାଯାଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ମୃତ ମହିଳାଙ୍କ ଭାଇ ସୁଶାନ୍ତ ନାଏକଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଅଭିଯୁକ୍ତ ସ୍ୱାମୀ ସୁବାସ ନାଏକ ଏବଂ ଶାଶୁ ପ୍ରମିଳା ନାଏକଙ୍କୁ ଗିରଫ କରିଛି। ପୋଲିସ ମୃତଦେହ, ହତ୍ୟାରେ ବ୍ୟବହୃତ ରକ୍ତଭିଜା ପନିକି ଜବତ କରିଛି। ଏ ନେଇ ନଂ. ୨୨/୨୦, ଦଫା ୪୯୮(ଏ), ୩୦୪ (ବି), ୩୦୨, ୩୪ ଓ ୪ ଡିପି ଆକ୍ଟରେ ମାମଲା ରୁଜୁ କରାଯାଇଛି।

ଏହା ଥିଲା ସବିତାଙ୍କ ଦ୍ୱିତୀୟ ବିବାହ। ବିବାହ ପରେ ତାଙ୍କୁ ଶାଶୁଘରେ ନିର୍ଯାତନା ଦିଆଯାଉଥିଲା। ସୋମବାର ବିଳମ୍ବିତ ରାତିରେ ସେ ଶୋଇଥିବାବେଳେ ସ୍ୱାମୀ ଏବଂ ଶାଶୁ ଭଉଣୀ ସବିତାଙ୍କ ତଣ୍ଟିକୁ ପନିକିରେ କାଟି ଦେଇଥିବା ଏତଲାରେ ଦର୍ଶାଯାଇଛି।

| କ୍ର.ସଂ. | ଖାତା ସଂ. | ଖସଡ଼ା ସଂ. | ମୋଟ ରକବା | ଭୂ–ଅର୍ଜନ ରକବା | କିସମ | ଖାତା ରୟତଙ୍କର ନାମ ଓ ଠିକଣା |
|---|---|---|---|---|---|---|
| ୧୦୮ | ୧୬୨୦ | ୭୨୪ | ୦.୦୬ | ୦.୦୬ | ଶାରଦ–୨ | ରାମ ମଳିକ, ଭାଗିରଥି ମଳିକ, ପି: ବିରେଇ, ବା: ବର୍ଲିବିନ୍ଧା |
| | | ୩୩୪ | ୦.୦୩ | ୦.୦୩ | ଶାରଦ–୩ | |
| | | ୩୩୧ | ୦.୧୩ | ୦.୦୪ | ଶାରଦ–୩ | |
| | | ୩୩୬ | ୦.୧୭ | ୦.୧୩ | ଶାରଦ–୩ | |
| | | ୩୩୨ | ୦.୧୧ | ୦.୦୩ | ଶାରଦ–୩ | |
| ୧୦୯ | ୧୬୩୫ | ୧୯୩୮ | ୦.୫୫ | ୦.୧୦ | ଶାରଦ–୨ | ରୁକ୍ମଣୀ ଦିବ୍ୟା, ସ୍ୱା: ନିରୋଦ ପାଢ଼ୀ, ବା: ଚୁଡ଼ାମଣି |
| ୧୧୦ | ୧୬୫୭ | ୭୭୮ | ୦.୦୬ | ୦.୦୬ | ଶାରଦ–୨ | ଲୋକ ମଳିକ ଓଗେର, ପି: ମଦନ, ବା: ବର୍ଲିବିନ୍ଧା |
| | | ୭୮୨ | ୦.୦୮ | ୦.୦୫ | ଶାରଦ–୨ | |
| | | ୭୭୯ | ୦.୦୪ | ୦.୦୪ | ଶାରଦ–୨ | |
| | | ୭୮୪ | ୦.୦୪ | ୦.୦୪ | ଶାରଦ–୨ | |
| | | ୭୮୦ | ୦.୦୩ | ୦.୦୩ | ଶାରଦ–୨ | |
| | | ୭୮୧ | ୦.୧୧ | ୦.୦୯ | ଶାରଦ–୩ | |
| | | ୭୮୩ | ୦.୦୮ | ୦.୦୮ | ଶାରଦ–୨ | |
| | | ୭୮୫ | ୦.୦୮ | ୦.୦୪ | ଶାରଦ–୨ | |
| | | ୭୮୭ | ୦.୦୯ | ୦.୦୫ | ଶାରଦ–୨ | |
| | | ୭୮୮ | ୦.୦୬ | ୦.୦୬ | ଶାରଦ–୨ | |
| | | ୭୮୯ | ୦.୦୯ | ୦.୦୯ | ଶାରଦ–୨ | |
| | | ୭୯୦ | ୦.୦୬ | ୦.୦୬ | ଶାରଦ–୨ | |
| | | ୭୯୧ | ୦.୦୫ | ୦.୦୫ | ଶାରଦ–୨ | |
| | | ୭୯୨ | ୦.୦୨ | ୦.୦୨ | ଶାରଦ–୨ | |
| | | ୭୯୩ | ୦.୦୬ | ୦.୦୬ | ଶାରଦ–୨ | |
| | | ୭୯୪ | ୦.୦୪ | ୦.୦୪ | ଶାରଦ–୨ | |
| | | ୭୭୬ | ୦.୦୩ | ୦.୦୩ | ଶାରଦ–୨ | |
| | | ୭୭୭ | ୦.୦୭ | ୦.୦୧ | ଶାରଦ–୨ | |
| ୧୧୧ | ୧୬୫୮ | ୨୨୩ | ୦.୨୧ | ୦.୨୧ | ଶାରଦ–୩ | ଲୋକ ମଳିକ ଓଗେର, ପି: ମଦନ, ବା: ବର୍ଲିବିନ୍ଧା |
| ୧୧୨ | ୧୬୫୯ | ୭୨୨ | ୦.୦୩ | ୦.୦୩ | ଶାରଦ–୨ | ଲୋକ ମଳିକ ଓଗେର, ପି: ମଦନ, ବା: ବର୍ଲିବିନ୍ଧା |
| | | ୩୩୩ | ୦.୦୨ | ୦.୦୨ | ଶାରଦ–୩ | |
| | | ୯୯ | ୦.୦୬ | ୦.୦୨ | ଶାରଦ–୩ | |
| | | ୧୦୦ | ୦.୦୨ | ୦.୦୨ | ଶାରଦ–୩ | |
| ୧୧୩ | ୧୬୬୦ | ୨୨୪ | ୧.୯୬ | ୦.୨୯ | ଶାରଦ–୩ | ଲୋକ ମଳିକ ଓଗେର, ପି: ମଦନ, ବା: ବର୍ଲିବିନ୍ଧା |
| | | ୨୧୯ | ୦.୧୦ | ୦.୦୪ | ପାଣିମାହାରା | |
| | | ୨୨୦ | ୦.୩୦ | ୦.୦୫ | ଶାରଦ–୩ | |
| | | ୨୨୫ | ୦.୨୪ | ୦.୦୫ | ଶାରଦ–୩ | |
| ୧୧୪ | ୧୬୭୧ | ୧୪୮୫ | ୦.୩୪ | ୦.୧୪ | ଶାରଦ–୨ | ଶଙ୍କର ପଲେଇ, ପି: ମାଗୁଣି, ବା: ଓଲଗଡ଼ା |
| ୧୧୫ | ୧୬୮୦ | ୭୩୧ | ୦.୭୦ | ୦.୦୨ | ଶାରଦ–୨ | ଶଙ୍ଖାଳି ମହାନ୍ତି, ଜେମାମଣୀ ମହାନ୍ତି, ପି: ରଞ୍ଜନ ମହାନ୍ତି ଓଗେର, ବା: ନିଜଗାଁ |
| ୧୧୬ | ୧୬୮୯ | ୭୨୫/୯୦୨୧ | ୦.୦୭ | ୦.୦୭ | ଶାରଦ–୨ | ସଚ୍ଚିଦାନନ୍ଦ ମହାରଣା, ପି: ଚନ୍ଦ୍ରୁ ମହାରଣା, ବା: ନିଜଗାଁ |
| ୧୧୭ | ୧୭୦୭ | ୯୩୩/୮୭୮୫ | ୦.୦୩ | ୦.୦୨ | ଶାରଦ–୨ | ସନାତନ ଗାଣ, ପି: ଇନ୍ଦ୍ରମଣୀ ଗାଣ, ବା: ଜଗନ୍ନାଥୀ |
| ୧୧୮ | ୧୭୦୮ | ୧୪୮୯ | ୦.୦୮ | ୦.୦୮ | ଶାରଦ–୨ | ସନାତନ ଜେନା, ପି: ମଦନ ଜେନା, ଜା: ଖଣ୍ଡାୟତ, ବା: ଅଢୁଆଁ |
| ୧୧୯ | ୧୭୪୯ | ୧୯୪୩ | ୦.୦୮ | ୦.୦୮ | ଶାରଦ–୨ | ସାବିତ୍ରୀ ବେୱା, ସ୍ୱା: ଗଙ୍ଗେଇ ବାରିକ, ବା: ଚୁଡ଼ାମଣି |
| ୧୨୦ | ୧୭୫୪ | ୧୭୦୫ | ୦.୧୪ | ୦.୧୪ | ଶାରଦ–୨ | ଶ୍ୟାମ ବାରିକ, ପି: ଦିନେଇ, ଜା: ଭଣ୍ଡାରୀ, ବା: ଚୁଡ଼ାମଣି |
| ୧୨୧ | ୧୭୫୫ | ୧୩୯୭ | ୦.୨୪ | ୦.୧୨ | ଶାରଦ–୨ | ଶ୍ୟାମ ରାଉତ, ପି: ବଇରୀ, ବା: ଅଢୁଆଁ ସାମିଲ ନନ୍ଦପୁର |
| ୧୨୨ | ୧୭୬୨ | ୮୦୮ | ୦.୧୫ | ୦.୧୫ | ପତିତ | ସାଉଜି ବେୱା, ସ୍ୱା: ରକ୍ଷଣ ମଳିକ, ବା: ଚୁଡ଼ାମଣି |
| | | ୮୧୧ | ୦.୧୨ | ୦.୧୨ | ଶାରଦ–୩ | ସାଉଜି ଦେବୀ, ସ୍ୱା: ରକ୍ଷଣ ମଳିକ ଓଗେର, ଜା: ଗୋଖା, ବା: ନିଜଗାଁ |
| ୧୨୩ | ୧୭୬୮ | ୧୨୦୧ | ୦.୦୭ | ୦.୦୭ | ଶାରଦ–୨ | ସିନ୍ଧୁ ଦାସ, ପି: ବିଦୁ ଦାସ, ଜା: ଖଣ୍ଡାୟତ, ବା: ଓଲଗଡ଼ା |
| ୧୨୪ | ୧୭୭୭ | ୧୯୬୫ | ୦.୦୨ | ୦.୦୨ | ଶାରଦ–୨ | ଶିଖର ମଳିକ ଓଗେର, ପି: ଦିନବନ୍ଧୁ ମଳିକ, ଜା: ଖଣ୍ଡାୟତ, ବା: ଚୁଡ଼ାମଣି |
| ୧୨୫ | ୧୭୭୮ | ୬୬୯ | ୦.୦୯ | ୦.୦୫ | ଶାରଦ–୨ | ଶ୍ରୀକାନ୍ତ ଅଗସ୍ତି, ପି: ଗଣପତି ଓଗେର, ବା: ବର୍ଲିବିନ୍ଧା |
| ୧୨୬ | ୧୮୧୭ | ୨୩୩ | ୧.୩୨ | ୦.୦୭ | ଶାରଦ–୩ | ସୁବ ଦେଇ, ସ୍ୱା: ବୁଦ୍ଧି ମଳିକ ଓଗେର, ବା: ବର୍ଲିବିନ୍ଧା |
| ୧୨୭ | ୧୮୩୨ | ୧୯୪୫ | ୦.୦୯ | ୦.୦୩ | ଶାରଦ–୨ | ସୁଲଭ ପାଢ଼ୀ ଓଗେର, ପି: ଗୟାଧର, ଜା: ବ୍ରାହ୍ମଣ, ବା: ଚୁଡ଼ାମଣି |
| ୧୨୮ | ୧୮୪୬ | ୭୧୧ | ୦.୩୭ | ୦.୦୬ | ଶାରଦ–୨ | ହଗର ବେହେରା, ପି: ଚିନ୍ତେଇ ବେହେରା ଓଗେର, ଜା: କୁମ୍ଭାର, ବା: ବର୍ଲିବିନ୍ଧା |
| | | ୭୨୦ | ୦.୦୮ | ୦.୦୮ | ଶାରଦ–୨ | |
| | | ୭୧୬ | ୦.୦୫ | ୦.୦୩ | ଶାରଦ–୨ | |
| | | ୭୨୧ | ୦.୪୯ | ୦.୦୮ | ଶାରଦ–୨ | |
| ୧୨୯ | ୧୮୯୧/୧୦ | ୩୯୪ | ୦.୦୮ | ୦.୦୭ | ଶାରଦ–୨ | ଶ୍ରୀମତୀ ଅଧିକ ମଣି ଦେଇ, ସ୍ୱା: ମାୟାଧର ମଳିକ, ବା: ବର୍ଲିବିନ୍ଧା |
| | | ୩୮୩ | ୦.୧୨ | ୦.୦୪ | ଶାରଦ–୨ | |
| ୧୩୦ | ୧୮୯୧/୧୭୮ | ୩୩୯ | ୦.୦୭ | ୦.୦୭ | ଶାରଦ–୨ | ବାଇଧର ମଳିକ, ପି: ଗୋପି, ବା: ବର୍ଲିବିନ୍ଧା |
| ୧୩୧ | ୧୮୯୧/୨୨୧ | ୬୭୮ | ୦.୦୬ | ୦.୦୪ | ଶାରଦ–୨ | ଅନିରୁଦ୍ଧ ଷଡ଼ଙ୍ଗୀ, ପି: ନିଧି ଷଡ଼ଙ୍ଗୀ, ଜା: ବ୍ରାହ୍ମଣ, ବା: ଭୈରବପୁର |
| ୧୩୨ | ୧୮୯୧/୩୮୪ | ୬୯୨ | ୦.୨୧ | ୦.୨୧ | ଶାରଦ–୨ | ବାଇଧର ସାହୁ, ପି: ବନମାଳି ସାହୁ, ବା: ଭୈରବପୁର |
| ୧୩୩ | ୧୮୯୧/୩୯୧ | ୬୭୧ | ୦.୦୨ | ୦.୦୨ | ଶାରଦ–୨ | ଭଗବାନ ଚରଣ ଦାସ, ପି: ଜୟକୃଷ୍ଣ ଦାସ, ଜା: ଖଣ୍ଡାୟତ, ବା: ଚୁଡ଼ାମଣି |
| | | ୨୦୦୮ | ୦.୨୫ | ୦.୦୮ | ଶାରଦ–୨ | |
| ୧୩୪ | ୧୮୯୧/୪୪୨ | ୬୭୭ | ୦.୦୬ | ୦.୦୬ | ଶାରଦ–୨ | ଅନିରୁଦ୍ଧ ଷଡ଼ଙ୍ଗୀ, ପି: ନିଧି ଷଡ଼ଙ୍ଗୀ, ଜା: ବ୍ରାହ୍ମଣ, ବା: ଭୈରବପୁର |
| ୧୩୫ | ୧୮୯୧/୫୯୯ | ୬୭୩ | ୦.୨୩ | ୦.୧୦ | ଶାରଦ–୨ | ବୈରାଗୀ ନାୟକ, ସାଧୁ ନାୟକ, ପି: କୃଷ୍ଣ ନାୟକ, ଜା: ଖଣ୍ଡାୟତ, ବା: ଚୁଡ଼ାମଣି |
| ୧୩୬ | ୧୮୯୧/୯୦୬ | ୯୨୪ | ୦.୧୦ | ୦.୦୫ | ଶାରଦ–୨ | ଗୋପବନ୍ଧୁ ବେହେରା, ପି: ସାଗର ବେହେରା, ବା: ଚୁଡ଼ାମଣି |
| ୧୩୭ | ୧୮୯୧/୯୪୯ | ୧୨୫୮/୧୦୨୦୬ | ୦.୧୦ | ୦.୧୦ | ଶାରଦ–୨ | ବିଷ୍ଣୁ ମୋହନ ବେହେରା, ପି: ନବ ବେହେରା, ବା: ସେଣ୍ଟଗଡ଼ା |

| କ୍ର.ସଂ. | ଖାତା ସଂ. | ଖସଡ଼ା ସଂ. | ମୋଟ ରକବା | ଭୂ–ଅର୍ଜନ ରକବା | କିସମ | ଖାତା ରୟତଙ୍କର ନାମ ଓ ଠିକଣା |
|---|---|---|---|---|---|---|
| ୧୩୮ | ୧୮୯୧/୯୫୬ | ୧୨୫୮/୧୦୨୧୧ | ୦.୧୦ | ୦.୧୦ | ଶାରଦ–୨ | ଶିବ ପ୍ରସାଦ ପଲେଇ, ପି: ଲୋକ ପଲେଇ ଓଗେର, ବା: ଓଲଗଡ଼ା |
| ୧୩୯ | ୧୮୯୧/୧୦୬୦ | ୧୪୯୧ | ୦.୨୪ | ୦.୨୪ | ଶାରଦ–୨ | ପ୍ରଫୁଲ୍ଲ ପଲେଇ, ବନମାଳି ପଲେଇ, ପି: ବାଇଧର, ବା: ଓଲଗଡ଼ା |
| ୧୪୦ | ୧୮୯୧/୧୦୯୬ | ୧୯୭୦ | ୦.୧୨ | ୦.୦୩ | ଶାରଦ–୩ | ଶ୍ରୀ ଶ୍ରୀ ଭାଗବତ ଗାଦି, ମାର୍ଫତ– ଭାବଗ୍ରାହୀ ବାରିକ ଓଗେର, ପି: ବିଦ୍ୟାଧର ବାରିକ, ବା: ଚୁଡ଼ାମଣି |
| ୧୪୧ | ୧୮୯୧/୧୧୧୧ | ୧୩୫୦/୯୧୩୭ | ୦.୦୭ | ୦.୦୪ | ଶାରଦ–୨ | ବିଷ୍ଣୁମୋହନ ବେହେରା, ପି: ନବ ବେହେରା, ବା: ଓଲଗଡ଼ା |
| ୧୪୨ | ୧୮୯୧/୧୧୩୧ | ୧୯୪୬ | ୦.୧୮ | ୦.୦୩ | ଶାରଦ–୨ | ବସନ୍ତ ପାଢ଼ୀ, ଶଶିର କୁମାର ପାଢ଼ୀ, ପି: ଦୁର୍ଲଭ ପାଢ଼ୀ, ବା: ଚୁଡ଼ାମଣି |
| ୧୪୩ | ୧୮୯୧/୧୫୭୮ | ୧୯୯୧ | ୦.୦୫ | ୦.୦୫ | ଶାରଦ–୨ | ବନ୍ଧୁ ମଳିକ, ପି: ଗାଙ୍ଗୁ ମଳିକ, ବା: ଚୁଡ଼ାମଣି |
| ୧୪୪ | ୧୮୯୧/୧୭୪୦ | ୧୨୦୨ | ୦.୧୩ | ୦.୧୩ | ଶାରଦ–୨ | ରମେଶ ଚନ୍ଦ୍ର ବିଶ୍ୱାଳ, ପି: ନିଶାକର ବିଶ୍ୱାଳ, ବା: ରାୟଗଡ଼ା |
| ୧୪୫ | ୧୮୯୧/୧୮୨୧ | ୧୬୨୭ | ୦.୦୨ | ୦.୦୨ | ଶାରଦ–୩ | ବିଦ୍ୟାଧର ବାରିକ ଓଗେର, ପି: ରତ୍ନାକର ବାରିକ, ବା: ନିଜଗାଁ |
| ୧୪୬ | ୧୮୯୧/୧୯୧୮ | ୧୮୭ | ୦.୧୪ | ୦.୧୪ | ଶାରଦ–୩ | ନାରାୟଣ ନାଥ, ପି: ଜଗବନ୍ଧୁ ନାଥ, ବା: ସୁଦର୍ଶନପୁର |
| | | ୧୮୯ | ୦.୨୦ | ୦.୦୪ | ଶାରଦ–୨ | |
| | | ୧୮୨ | ୦.୦୬ | ୦.୦୪ | ଶାରଦ–୩ | |
| | | ୧୮୪ | ୦.୧୦ | ୦.୧୦ | ଶାରଦ–୩ | |
| | | ୧୬ | ୦.୦୮ | ୦.୦୫ | ଶାରଦ–୩ | |
| ୧୪୭ | ୧୮୯୧/୧୯୨୦ | ୧୩୦୨ | ୧.୮୨ | ୦.୦୪ | ଶାରଦ–୨ | ଗଙ୍ଗାଧର ରାଉଳ ଓଗେର, ପି: ରାମକୃଷ୍ଣ, ବା: ସୁଦର୍ଶନପୁର |
| ୧୪୮ | ୧୮୯୧/୧୯୯୫ | ୬୩୪ | ୦.୦୭ | ୦.୦୧ | ଶାରଦ–୨ | ବନମାଳି ମଳିକ ଓଗେର, ପି: କାହ୍ନୁ ମଳିକ, ବା: ବର୍ଲିବିନ୍ଧା |
| ୧୪୯ | ୧୮୯୧/୨୦୧୦ | ୩୩୮ | ୦.୧୩ | ୦.୦୭ | ଶାରଦ–୩ | ବାବାଜି ମଳିକ, ପି: ବନମାଳି ମଳିକ, ବା: ବର୍ଲିବିନ୍ଧା |
| | | ୨୩୧ | ୦.୧୬ | ୦.୧୬ | ଶାରଦ–୩ | |
| ୧୫୦ | ୧୮୯୧/୨୨୧୪ | ୮୦୯ | ୦.୧୫ | ୦.୧୫ | ଶାରଦ–୩ | ଶ୍ରୀ ଶ୍ରୀ ଭାଗବତ ଗାଦି ମାର୍ଫତ– ଗଙ୍ଗାଧର ନାୟକ, ପି: କେଶବ ନାୟକ, ବା: ସୁଦର୍ଶନପୁର |
| | | ୮୯୧ | ୦.୧୧ | ୦.୦୯ | ଶାରଦ–୨ | |
| ୧୫୧ | ୧୮୯୧/୨୨୧୮ | ୮୧୪ | ୦.୦୭ | ୦.୦୫ | ପତିତ | ଗଙ୍ଗାଧର ନାୟକ, ପି: କେଶବ ନାୟକ, ବା: ଚୁଡ଼ାମଣି |
| | | ୯୨୨ | ୦.୧୯ | ୦.୧୦ | ଶାରଦ–୨ | |
| ୧୫୨ | ୧୮୯୧/୨୨୭୫ | ୫୮୩ | ୦.୨୯ | ୦.୦୧ | ଶାରଦ–୨ | ଗୋପିନାଥ କର, ପି: କୁନା କର, ବା: ଭୈରବପୁର |
| ୧୫୩ | ୧୮୯୧/୨୩୩୦ | ୧୯୫୬/୧୧୭୫୨ | ୦.୩୪ | ୦.୦୮ | ଶାରଦ–୨ | ପରମାନନ୍ଦ ପାଢ଼ୀ, ପି: ଗୋବିନ୍ଦ ପାଢ଼ୀ, ବା: ଚୁଡ଼ାମଣି |
| | | ୧୯୬୨/୧୧୭୫୩ | ୦.୧୪ | ୦.୦୭ | ଶାରଦ–୩ | |
| ୧୫୪ | ୧୮୯୧/୨୩୬୩ | ୧୫୭୮ | ୦.୦୯ | ୦.୦୨ | ଶାରଦ–୩ | ଯୁଧିଷ୍ଠିର ରାଉତ, ବିଜୟ କୁମାର ରାଉତ, ଅଜୟ କୁମାର ରାଉତ, ପି: କିଶୁ ରାଉତ, ବା: ଓଲଗଡ଼ା |
| ୧୫୫ | ୧୮୯୧/୨୫୪୦ | ୪୦୮ | ୦.୦୪ | ୦.୦୩ | ପତିତ | ବିଶ୍ୱନାଥ ମହାଲିକ, ପି: ବିରଭଦ୍ର ମହାଲିକ, ବା: ଜଗନ୍ନାଥୀ |
| ୧୫୬ | ୧୮୯୧/୨୮୪୫ | ୧୪୯୩/୧୦୦୫୪ | ୦.୧୨ | ୦.୧୨ | ଶାରଦ–୨ | ଉଦୟ କୁମାର ଯେନା, ସତ୍ୟବାନ ଯେନା, ପି: ବୈକୁଣ୍ଠ ଯେନା, ବା: ଅଢୁଆଁ |
| ୧୫୭ | ୧୮୯୧/୩୦୧୮ | ୧୪୯୩ | ୦.୪୮ | ୦.୩୦ | ଶାରଦ–୨ | କୃପାସିନ୍ଧୁ ରାଉତ, ପି: ବୈଷ୍ଣବ ରାଉତ, ବା: ଓଲଗଡ଼ା |
| ୧୫୮ | ୧୮୯୧/୩୧୦୬ | ୧୭୦୩/୧୨୫୬୫ | ୦.୦୫୫ | ୦.୦୫୫ | ଶାରଦ–୨ | ରତ୍ନାକର ବାରିକ, ରମାକାନ୍ତ ବାରିକ, ପି: କସ୍ତୁରୀ ବାରିକ, ବା: ଚୁଡ଼ାମଣି |
| ୧୫୯ | ୧୮୯୧/୩୨୨୪ | ୧୯୦୩ | ୦.୦୭ | ୦.୦୫ | ଶାରଦ–୨ | ବୈକୁଣ୍ଠନାଥ ବେହେରା, ପଞ୍ଚାନନ ବେହେରା, ଫକିରମୋହନ ବେହେରା, ପି: ଦୋଳଗୋବିନ୍ଦ ବେହେରା, ଜା: ଖଣ୍ଡାୟତ, ବା: ନିଜଗାଁ |
| ୧୬୦ | ୧୮୯୧/୩୪୧୪ | ୧୨୫୫ | ୦.୦୨ | ୦.୦୨ | ଶାରଦ–୨ | ମଦନ ମଳିକ, ପି: ମଥୁରୀ ମଳିକ ଓଗେର, ବା: ସୁଦର୍ଶନପୁର |
| ୧୬୧ | ୧୮୯୩ | ୧୦୧୨ | ୦.୨୭ | ୦.୨୦ | ଶାରଦ–୨ | କୃଷ୍ଣ ନାୟକ, ଅନୁରାଧା ନାୟକ, ପି: ହୃଷି ନାୟକ, ବା: ସୁଦର୍ଶନପୁର |
| ୧୬୨ | ୧୮୯୯ | ୧୫୮୭ | ୦.୦୩ | ୦.୦୩ | ଶାରଦ–୩ | ମାଗୁଣି ବଳ, ପି: ମୁଷେଇ ବଳ, ବା: ଅଢୁଆଁ |
| | ୧୭୫୪ | ୧୭୫୬ | ୦.୨୨ | ୦.୨୨ | ଶାରଦ–୨ | ଶ୍ୟାମ ବାରିକ ଓଗେର, ପି: ଦିନେଇ ବାରିକ, ବା: ନିଜଗାଁ |
| | | ୧୬୪୦ | ୦.୨୪ | ୦.୨୪ | ଶାରଦ–୨ | |
| | ୪୬୮ | ୧୭୫୭ | ୦.୩୯ | ୦.୩୯ | ଶାରଦ–୩ | ଗଙ୍ଗାଧର ବାରିକ, ପି: ଭଗବାନ ବାରିକ ଓଗେର, ବା: ଚୁଡ଼ାମଣି |
| | ୧୫୮୫ | ୧୭୫୮ | ୦.୩୮ | ୦.୩୮ | ଶାରଦ–୨ | ରମ୍ଭା ବେୱା, ସ୍ୱା: ଜଗବନ୍ଧୁ ନାୟକ ଓଗେର, ବା: ନିଜଗାଁ |
| | ୯୨୩ | ୧୭୫୯ | ୦.୨୩ | ୦.୨୩ | ଶାରଦ–୨ | ପରି ବାରିକ, ପି: ଜୟୀ ବାରିକ, ବା: ନିଜଗାଁ |
| | ୨୩୪ | ୧୭୬୧ | ୦.୪୭ | ୦.୪୭ | ଶାରଦ–୨ | ଈଶ୍ୱର ବାରିକ ଓଗେର, ପି: ଜୟୀ ବାରିକ ଓଗେର, ବା: ଚୁଡ଼ାମଣି |
| | ୨୮୪ | ୧୭୬୨ | ୦.୫୦ | ୦.୫୦ | ଶାରଦ–୨ | କସ୍ତୁରୀ ବାରିକ, କାହ୍ନୁ ବାରିକ, ପି: ବାଳକୃଷ୍ଣ ବାରିକ, ଜା: ଭଣ୍ଡାରୀ, ବା: ଚୁଡ଼ାମଣି |
| | ୭୭୮ | ୧୬୪୨ | ୧.୦୮ | ୧.୦୮ | ଶାରଦ–୨ | ଦୈତାରୀ ବାରିକ, ପି: ହାଡ଼ି ବାରିକ ଓଗେର, ବା: ଚୁଡ଼ାମଣି |
| | | ୧୬୪୩ | ୦.୪୧ | ୦.୪୧ | ଶାରଦ–୩ | |
| | | ୧୬୪୪ | ୦.୧୪ | ୦.୧୪ | ଶାରଦ–୨ | |
| | ୧୮୯୧/୧୦ | ୪୨୮ | ୧.୩୨ | ୧.୩୨ | ଶାରଦ–୨ | ରାଧିକାମଣୀ ଦେଇ, ସ୍ୱା: ମାୟାଧର ମଳିକ, ଜା: ଗୋଖା, ବା: ନିଜଗାଁ |
| | ୧୫୦୭ | ୪୩୧ | ୦.୪୫ | ୦.୪୫ | ଶାରଦ–୩ | ବନା ବାରିକ, ପି: ନିଧି ବାରିକ, ବା: ବର୍ଲିବିନ୍ଧା |
| | ୫୧୨ | ୪୧୯/୨୭୯୧ | ୦.୭୧ | ୦.୭୦ | ଶାରଦ–୨ | ଗେଡି ଦେଇ, ସ୍ୱା: ଶୁକଦେବ ମଳିକ, ବା: ବର୍ଲିବିନ୍ଧା |
| | | **ମୋଟ** | **୫୯.୪୦୫** | **୨୮.୯୫** | | |
| ଗୋଚର ପ୍ରତିବଦଳ (ଖସଡ଼ା ସଂ. ୧୭୫୬, ୧୬୪୦, ୧୭୫୭, ୧୭୫୮, ୧୭୫୯, ୧୭୬୧, ୨୮୪, ୭୭୮, ୧୮୯୧/୧୦, ୧୫୦୭, ୫୧୨) ରକବା ୬.୫୩ | | | | | | |
| ୧୬୩ | ୧୯୪୪ | ୧ | ୦.୯୨ | ୦.୨୦ | ଗୋଚର | ରକ୍ଷିତ |
| | | ୧୯୩ | ୦.୪୬ | ୦.୪୬ | ଗୋଚର | |
| | | ୯୩୧ | ୧.୩୫ | ୧.୩୫ | ଗୋଚର | |
| | | ୧୦୮୬ | ୦.୭୮ | ୦.୭୮ | ଗୋଚର | |
| | | ୧୪୯୨ | ୦.୪୫ | ୦.୪୫ | ଗୋଚର | |
| | | ୧୬୨୬ | ୧.୦୭ | ୧.୦୭ | ଗୋଚର | |
| | | ୧୬୩୨ | ୦.୧୨ | ୦.୧୨ | ଗୋଚର | |
| | | ୧୬୩୭(ସ୍ମ) | ୩.୩୦ | ୦.୮୦ | ଗୋଚର | |
| | | ୧୯୪୨ | ୦.୨୫ | ୦.୧୨ | ଗୋଚର | |
| | | ୮୫୦୭ | ୬.୦୫ | ୧.୧୮ | ଗୋଚର | |
| | | **ମୋଟ** | **୧୪.୭୫** | **୬.୫୩** | | |

24017/14/0031/1920

**ସ୍ୱା./– ଭୂ–ଅର୍ଜନ ଅଧିକାରୀ, ଭଦ୍ରକ**

## ସଂକ୍ଷେପରେ

### ପାଲଲହଡ଼ା ଥାନାରେ ନୂଆ ଅଧିକାରୀ



ପାଲଲହଡ଼ା, ୨୮।୧(ଡି.ଏନ.ଏ.)- ପାଲଲହଡା ଥାନାର ନୂତନ ଅଧିକାରୀ ଭାବେ କିଶୋର କୁମାର ସାମଲ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପୂର୍ବରୁ ସେ ଜିଲା ପୋଲିସ ବିଭାଗରେ କାର୍ଯ୍ୟକରିବା ସହ ସହ କମିଶନରେଟ ପୋଲିସରେ ମଧ କାର୍ଯ୍ୟ କରିଛନ୍ତି। ପାଲଲହଡ଼ା ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଧାନ ଦେବେ ବୋଲି ସେ ପ୍ରତିକ୍ରିୟାରେ କହିଛନ୍ତି।

### ଟ୍ରକ୍ ଧକ୍କାରେ ଜଣେ ଗୁରୁତର

ପାଲଲହଡ଼ା, ୨୮।୧(ଡି.ଏନ.ଏ.)- ପାଲଲହଡ଼ା ଥାନା କନ୍ତଲା ଛକ ନିକଟ ୧୪୯ ନମ୍ବର ଜାତୀୟ ରାଜପଥ ନିକଟରେ ଏକ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। କେନ୍ଦୁଝର ଜିଲାର ରଞ୍ଜନ ସାମଲ ବାଇକ୍ (ନଂ. ଓଡି ୩୫ ଡି ୦୪୫୫) ଯୋଗେ ପାଲଲହଡା ଅଭିମୁଖେ ଆସୁଥିବା ବେଳେ ବିପରୀତ ଦିଗରୁ ଏକ ଟ୍ରକ (ନଂ. ଓଡି ୦୯ ଆର୍-୨୪୮୯) ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ପ୍ରଥମେ ପାଲଲହଡା ଉପଖଣ୍ଡ ଚିକିତ୍ସାଳୟ ଓ ପରେ ଜିଲା ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଗାଡ଼ି ଦୁଇଟିକୁ ଜବତ କରାଯାଇ ନଂ. ୧୦/୨୦ରେ ମାମଲା ରୁଜୁ ହୋଇଛି।

### ଚୋରି ଟ୍ରେଲର ଉଦ୍ଧାର

ଛେଣ୍ଡିପଦା, ୨୮।୧(ସ୍ୱ.ପ୍ର.)- ଜରପଡା ପୋଲିସ ଚୋରି ହୋଇଥିବା ଏକ ଟ୍ରେଲରକୁ ମଙ୍ଗଳବାର ଉଦ୍ଧାର କରିଛି। ଗତ ୨୪ ତାରିଖରେ କେତେଜଣ ଦୁର୍ବୃତ୍ତ ଜରପଡା ଥାନା ଜାତୀୟ ରାଜପଥର ଗୋବିନ୍ଦ ପାଣସାହି ନିକଟରୁ ୩୦ ଟନ୍ ଲୁହାଛଡ ବୋଝେଇ ଟ୍ରେଲର(ନଂ. ଜିଜେ୧୨ବିଭି-୬୮୫୫) ସହ ଚାଳକଙ୍କୁ ନେଇ ପଳାଇଥିଲେ। ପରେ ଚାଳକଙ୍କୁ ଢେଙ୍କାନାଳ ଗୁଣ୍ଡେଇପୁର ନିକଟସ୍ଥ ଏକ ଜଙ୍ଗଲରେ ଓହ୍ଲାଇ ଦେଇଥିଲେ। ଗାଡ଼ି ମାଲିକ ଅନୁଗୋଳର ଏକ ଟ୍ରାନ୍ସପୋର୍ଟ କମ୍ପାନୀକୁ ଖବର ଦେଇଥିଲେ। ଅନୁଗୋଳ ପୋଲିସ ସହାୟତାରେ ଜିପିଏସ୍ ଟ୍ରାକ କରି ନରସିଂପୁର ଅଞ୍ଚଳର କାକୁଡିଆଠାରେ ଥିବା ଏକ ଖେଳପଡିଆରୁ ଛଡ ବୋଝେଇ ଟ୍ରେଲରକୁ ଉଦ୍ଧାର କରାଯାଇଛି। ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଏ ନେଇ ନଂ. ୧୯ରେ ମାମଲା ରୁଜୁ ହୋଇଛି।

# ସମ୍ବର୍ଦ୍ଧିତ ହେଲେ ୪ କନ୍ୟା, ୧୫ ଶିଶୁ ପ୍ରତିଭା

ଅନୁଗୋଳ ଅଫିସ୍, ୨୮।୧



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଚଳିତ ମାସ ୨୪ ତାରିଖରୁ ଆରମ୍ଭ ହୋଇଥିବା ଜାତୀୟ ଶିଶୁ କନ୍ୟା ଦିବସ ଓ ବେଟି ବଚାଓ ବେଟି ପଢ଼ାଓ ସପ୍ତାହ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଜିଲା ପରିଷଦ ସମ୍ମିଳନୀ ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ(ପିଡି) ଅତୁଲ୍ୟ କୁମାର ଚମ୍ପତିରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ,

- ଶିଶୁ କନ୍ୟା ଦିବସ ଓ ବେଟି ବଚାଓ, ବେଟି ପଢ଼ାଓ ସପ୍ତାହ
- ଶତପ୍ରତିଶତ ଉପସ୍ଥାନ ରହିଲେ ମିଳିବ ପ୍ରୋତ୍ସାହନ ରାଶି

ଝିଅମାନେ କୌଣସି ଗୁଣରେ କମ୍ ନୁହନ୍ତି। ସେମାନଙ୍କ ଗୁରୁତ୍ୱକୁ ସମସ୍ତେ ଉପଲବ୍ଧି କରିବା ସହ ସେମାନଙ୍କ ପ୍ରତିଭା ଉନ୍ମୋଚନ ଦିଗରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ୨୦୧୮ରୁ ଶୁଭାରମ୍ଭ ହୋଇଥିବା ବେଟି ବଚାଓ, ବେଟି ପଢାଓ କାର୍ଯ୍ୟକ୍ରମ ମାଧ୍ୟମରେ କମ୍ ବୟସରେ ବିବାହକୁ ବନ୍ଦ କରାଯିବା ସହ ଶିକ୍ଷା କ୍ଷେତ୍ରରେ ସଫଳତା ପାଇଁ ପ୍ରୋତ୍ସାହିତ କରାଯାଇଛି। ପଞ୍ଚମରୁ ଷଷ୍ଠ ଓ ସପ୍ତମରୁ ଦଶମ ଶ୍ରେଣୀର ଝିଅମାନଙ୍କ ଉପସ୍ଥାନ ଶତପ୍ରତିଶତ ରହିଲେ ସେ ସ୍କୁଲକୁ ୫ ହଜାର ଲେଖାଏଁ ଅନୁଦାନ ଦିଆଯିବ ବୋଲି ସେ କହିଥିଲେ। ସେହିପରି ଦଶମ ଓ ଦ୍ୱାଦଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ଶ୍ରେଷ୍ଠ ୧୦ ଜଣ ଛାତ୍ରୀଙ୍କୁ ୫ ହଜାର ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଏହି ଛାତ୍ରୀମାନଙ୍କ ମଧ୍ୟରୁ ଯେଉଁମାନେ ଉଚ୍ଚ ଶିକ୍ଷା ପାଇଁ ଯିବେ ସେମାନଙ୍କୁ ୧୦ ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ ଦିଆଯିବ ବୋଲି ମୁଖ୍ୟଅତିଥି ସୂଚନା ଦେଇଥିଲେ। ଏହି ଅବସରରେ ପୋଲିସ ସହାୟତାରେ ବିବାହ ଅଟକାଇ ସାହସିକତା ଦେଖାଇଥିବା ବଅଁରପାଳର ୧୭ ବର୍ଷୀୟା ମନିଷ ସେନାପତି, ନାଲକୋର କୁଇନସ୍ ବି ପଟ୍ଟନାୟକ, ଖଳାରୀର ପୂଜା ପରିଡ଼ା ଓ ଅନୁଗୋଳ ଟାଉନ୍ ଉଚ୍ଚ ବିଦ୍ୟାଳୟର ପ୍ରତିଭା ବେହେରାଙ୍କୁ ସେମାନଙ୍କ ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ବ୍ଲକସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଭାବେ ମୋଟ୍ ୧୫ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଗୋଳ ବାଳିକା ଉଚ୍ଚ ବିଦ୍ୟାଳୟ, ବାଜି ରାଉତ ଛାତ୍ରାବାସ ଓ ଆଦୃତା ଶିଶୁ ଗୃହ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସମ୍ମାନିତ ଅତିଥି ଭାବେ କିଶୋରନଗର ବିଡିଓ ଅମ୍ରିତା ପ୍ରିୟଦର୍ଶନୀ ଯୋଗଦେଇ ସମାଜରେ ନାରୀମାନଙ୍କ ଭୂମିକା ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅମରେନ୍ଦ୍ରନାଥ ମହାନ୍ତି, ଜିଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ସଞ୍ଜୀବ କୁମାର କର, ପୂର୍ବତନ ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ଗଡ଼ନାୟକ, ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡର ସଦସ୍ୟ ମମତା ପଟ୍ଟନାୟକ, ଆଇସିଡିଏସ୍‌ର ପୋଗ୍ରାମ ଅଫିସର ପୂର୍ଣ୍ଣବାସୀ ରଥ, ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ସମଗ୍ର ଶିକ୍ଷାର ଜିଲା ପ୍ରକଳ୍ପ ସଂଯୋଜକ ନିରଞ୍ଜନ ସାହୁ, ଜିଲା ପଞ୍ଚାୟତ ଅଧିକାରୀ ଗୁରୁଭା ସିଂହ, ଶିଶୁ ମଙ୍ଗଳ କମିଟିର ସଦସ୍ୟ ପଦ୍ମାବତୀ ମିଶ୍ର, ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡର ସଦସ୍ୟ ଅନିଲ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଏହି ସପ୍ତାହ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପିସିଆଣ୍ଡପିଏନ୍‌ଡିଟିର ପର୍ଶୁରାମ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ସର୍ବଭାରତୀୟ ସାଇକୁ ଶୁଭ୍ରକେତନ ମନୋନୀତ

ଢେଙ୍କାନାଳ ଅଫିସ, ୨୮।୧

ଢେଙ୍କାନାଳର କୁନି ବ୍ୟାଡ୍‌ମିଣ୍ଟନ ତାରକା ଶୁଭ୍ରକେତନ ମଲ୍ଲିକ (୧୨) ୧୩ବର୍ଷରୁ କମ୍ ବର୍ଗରେ ସ୍ପୋର୍ଟସ୍ ଅଥରିଟି ଅଫ୍ ଇଣ୍ଡିଆ (ସାଇ)କୁ ମନୋନୀତ ହୋଇଛନ୍ତି। ସେ ଓଡ଼ିଶା ଏବଂ ପୂର୍ବାଞ୍ଚଳ ଜୋନ୍‌ରୁ ସାଇକୁ ଚୟନ ହୋଇଛନ୍ତି। ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ପକ୍ଷରୁ ମଙ୍ଗଳବାର ଅପରାହ୍ଣରେ ସ୍ଥାନୀୟ ଇନ୍‌ଡୋର ହଲ୍ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦିଆଯାଇଛି।

ଆସୋସିଏଶନର ସଭାପତି ମଳୟ ପଟ୍ଟନାୟକ, ସମ୍ପାଦକ ଟଙ୍କଧର ବେହେରାଙ୍କ ସୂଚନା ଅନୁଯାୟୀ, ଶୁଭ୍ରକେତନ ୨ବର୍ଷ ହେଲା ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନରେ ତାଲିମ ନେଉଛନ୍ତି। ୨୦୧୯ରେ ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ୧୩ବର୍ଷରୁ କମ୍ ବାଳକ ବର୍ଗ ସିଙ୍ଗଲ୍ସରେ ସେ ଚାମ୍ପିୟନ ହୋଇଥିଲେ। ରାଜ୍ୟସ୍ତରୀୟ ପ୍ରତିଯୋଗିତାର ଡବଲ୍ସରେ ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ସେହିପରି ସିଙ୍ଗଲ୍ସରେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରି କ୍ୱାର୍ଟର ଫାଇନାଲ ଯାଏ ଯାଇଥିଲେ। ଶୁଭ୍ରକେତନ ମାର୍ଚ୍ଚ ପ୍ରଥମ ସପ୍ତାହରୁ ଦିଲ୍ଲୀସ୍ଥିତ ସାଇ କ୍ୟାମ୍ପରେ ଯୋଗଦେବେ । ନିଜ ପ୍ରତିକ୍ରିୟାରେ ଶୁଭ୍ରକେତନ କୁହନ୍ତି, ସେ ୪ବର୍ଷ ହେଲା କ୍ରିକେଟ ଛାଡ଼ି ବ୍ୟାଡ୍‌ମିଣ୍ଟନ ଅଭ୍ୟାସ ଜାରି ରଖିଛନ୍ତି। ଏହି ସଫଳତା ପଛରେ କୋଚ୍ ଅମିତ ଶତପଥୀ, ମଳୟ ପଟ୍ଟନାୟକଙ୍କ ପ୍ରେରଣା ରହିଛି। ସୂଚନାଯୋଗ୍ୟ, ଶୁଭ୍ରକେତନ ଢେଙ୍କାନାଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୭ମ ଶ୍ରେଣୀର ଛାତ୍ର। ବାପା ନିହାର ରଞ୍ଜନ ମଲ୍ଲିକ ଇନ୍ଦିପୁରସ୍ଥିତ ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସଂସ୍କୃତ ଅଧ୍ୟାପକ। ମା' ସୁଲେଖା ମହାନ୍ତି ଜଣେ ଗୃହିଣୀ। ସେ ଏବେ ପରିବାର ସହ ମାଣ୍ଡବାସାହିରେ ରହୁଛନ୍ତି।

### ଢେଙ୍କାନାଳ ବ୍ୟାଡ୍‌ମିଣ୍ଟନର ଆଶା




ମା'ବାପା ଓ କୋଚ୍‌ଙ୍କ ଗହଣରେ ଶୁଭ୍ରକେତନ।

# ନାଲ୍‌କୋକୁ ସମ୍ପୂର୍ଣ୍ଣ ସୁରକ୍ଷା ଦେବାକୁ ପ୍ରୟାସ କରାଯାଉଛି

### ବଂଶୀଧର ସୁନ୍ଦରମ



ଅନୁଗୋଳ ଜିଲା ନାଲ୍‌କୋକୁ ସୁରକ୍ଷା ଦେଉଥିବା ସିଆଇଏସ୍‌ଏଫ୍‌ର କମାଣ୍ଡାଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି ବଂଶୀଧର ସୁନ୍ଦରମ୍। ତାଙ୍କ ଘର ନୟାଗଡ଼ ଜିଲାରେ। ମା' ଓ ବାପାଙ୍କ ପ୍ରେରଣା ଯୋଗୁ ହିଁ ସେ ଆଜି ନାଲ୍‌କୋର କମାଣ୍ଡାଣ୍ଟ ହୋଇପାରିଥିବା ବଂଶୀଧର କହିଛନ୍ତି। ୨୦୦୫ରେ ସେ ପ୍ରଥମେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଭାବେ କାର୍ଯ୍ୟରେ ଯୋଗଦାନ କରିଥିଲେ। ୨୦୧୨ରେ ଡେପୁଟି କମାଣ୍ଡାଣ୍ଟ ଓ ୨୦୧୫ରେ ପାରାଦୀପ ପୋର୍ଟରେ କମାଣ୍ଡାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ନାଲ୍‌କୋକୁ କିପରି ସମ୍ପୂର୍ଣ୍ଣ ସୁରକ୍ଷିତ କରାଯାଇପାରିବ ସେ ଦିଗରେ ପ୍ରୟାସ କରାଯାଉଥିବା କମାଣ୍ଡାଣ୍ଟ ସୁନ୍ଦରମ ପ୍ରକାଶ କରିଛନ୍ତି।

### ୫ଟି ପ୍ରଶ୍ନ

**ପ୍ଲାଣ୍ଟର ସୁରକ୍ଷା ପାଇଁ କି ପଦକ୍ଷେପ ନିଆଯାଇଛି?**

ନାଲ୍‌କୋ ଏକ ନବରତ୍ନପ୍ରାପ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ। ତେଣୁ ଏହାର ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ଲାଣ୍ଟରେ କିଭଳି ଅପରାଧ ନ ଘଟିବ ସେଥିପାଇଁ ସିଆଇଏସ୍‌ଏଫ୍ ପକ୍ଷରୁ ଉଦ୍ୟମ ଜାରିରହିଛି। ବିଶେଷକରି ଲିଙ୍ଗଲୋରି ପ୍ରୋଜେକ୍ଟ, ରେଲ୍‌ୱ ସମେତ ଆଖପାଖ ଅଞ୍ଚଳ ପ୍ରତି ଧ୍ୟାନ ଦିଆଯାଉଛି।

**ରୋଷେଇ ଜାଣିଛନ୍ତି କି?**

ଅଳ୍ପ ବହୁତ ଜାଣିଛି। ବିଶେଷକରି ନିରାମିଷ ଖାଦ୍ୟ ରାନ୍ଧି ପାରିବି। ଟ୍ରେନିଂ ନେଉଥିବା ସମୟରେ ଏକା ରୋଷେଇ କରି ଖାଉଥିବାରୁ ଏ ଦିଗରେ କିଛିଟା ଅଭିଜ୍ଞତା ରହିଛି। ବେଳେବେଳେ ନିଜେ ରୋଷେଇ କରି ଅନ୍ୟମାନଙ୍କୁ ଖାଦ୍ୟ ପରଷି ଦେଇଥାଏ।

**ଶରୀର ପ୍ରତି କିପରି ଯତ୍ନ ନେଇଥାନ୍ତି?**

ପ୍ରତ୍ୟକ ଦିନ ସକାଳେ ବ୍ୟାୟାମ କରିଥାଏ। ପୂର୍ବରୁ ଅଧିକ ସମୟ ଏଥିରେ ଦେଉଥିଲି। ଏବେ ଅପେକ୍ଷାକୃତ କମ୍ ସମୟ ବ୍ୟାୟାମ କରୁଥିଲେ ବି ଶରୀର ସୁସ୍ଥ ରହିଛି।

**କେଉଁ ପୁସ୍ତକ ପଢ଼ିବାକୁ ଭଲ ପାଆନ୍ତି?**

ଦୈନିକ ସକାଳେ ଏକାଧିକ ଖବରକାଗଜ ପଢ଼ିଥାଏ। ଏହା ସକାଳର ଏକ ମୁଖ୍ୟ କାର୍ଯ୍ୟ। ସେହିପରି ବିଭିନ୍ନ ପ୍ରକାର ପତ୍ରିକା, ବହି ମଗାଇ ପଢ଼େ। ଅଧିକରୁ ଅଧିକ ପତ୍ରିକା ପଢ଼ିବା ପାଇଁ ମୋତେ ଭଲ ଲାଗେ।

**ସ୍ତ୍ରୀଙ୍କ ହାତ ରନ୍ଧା କେଉଁ ଖାଦ୍ୟ ଭଲ ଲାଗେ?**

ଆମିଷ ଦ୍ରବ୍ୟ ଠାରୁ ଦୂରେଇ ରହିବା ସହ ସାଦା ଖାଦ୍ୟ ଓ ପନିପରିବା ଉପରେ ଅଧିକ ଗୁରୁତ୍ୱ ଦେଉଛି। ତେଣୁ ସ୍ତ୍ରୀଙ୍କ ହାତ ତିଆରି ଆଳୁ କୋବି କଷା ଓ ଶାଗ ଅଧିକ ଭଲ ଲାଗିଥାଏ। ଆଳୁକୋବି କଷା ମୋର ସବୁଠାରୁ ପ୍ରିୟ।

ରିପୋର୍ଟ– ଉପେନ୍ଦ୍ର ରାଉତ

# ବେଆଇନ ବନ୍ଧୁକ ରଖିଥିବା ବାପିଙ୍କୁ କୋର୍ଟ ଚାଲାଣ

**ଅନୁଗୋଳ ଅଫିସ୍, ୨୮।୧:** ବେଆଇନ ବନ୍ଧୁକ ରଖିଥିବା ସନ୍ଦେହରେ ଅନୁଗୋଳ ଥାନା ଅଞ୍ଚଳର ଏକ ଘରୁ ଲିଙ୍ଗରାଯୋଡ଼ିର ବାପି ଓରଫ୍ ସତ୍ୟଜିତ୍ ପ୍ରଧାନ(୩୩)ଙ୍କୁ ସୋମବାର ଅନୁଗୋଳ ପୋଲିସ ଉଠାଇ ଆଣି ଅଟକ ରଖିଥିଲା। ତାଙ୍କଠାରୁ ୩ଟି ଦେଶୀ ବନ୍ଧୁକ, ମାଉଜର, ଭାଙ୍ଗି ଯାଇଥିବା ମାଗାଜିନ୍, ୯ ଏମ୍‌ଏମ୍‌ର ଦୁଇଟି ଜୀବନ୍ତ ଗୁଳି ଓ ୭.୬୫ ଏମ୍‌ଏମ୍‌ର ୭ଟି ଜୀବନ୍ତ ଗୁଳି ଜବତ କରାଯିବା ପରେ ନଂ. ୧୦୮/୨୦ରେ ମାମଲା ରୁଜୁ କରାଯାଇ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ବାପି କେଉଁଠୁ ବନ୍ଧୁକ ଓ ଜୀବନ୍ତ ଗୁଳି ଆଣିଲେ ତାହାର ତଦନ୍ତ କରାଯାଉଥିବା ଏସ୍‌ପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ଅପରପକ୍ଷରେ ଏହି ମାମଲାକୁ ରଫାଦଫା କରିବାକୁ ଦିନତମାମ ଜନୈକ ବ୍ୟକ୍ତି ଉଦ୍ୟମ କରିଥିଲେ ବି ବିଫଳ ହୋଇଥିବା ଚର୍ଚ୍ଚା ଜୋର୍ ଧରିଛି। ବାପି ତାଙ୍କର ଖାସ୍ ପିଲା ହୋଇଥିବାରୁ ମୁକୁଳାଇବା ପାଇଁ ସେ ପାରୁପର୍ଯ୍ୟନ୍ତ ଉଦ୍ୟମ କରିଥିଲେ। କିନ୍ତୁ ତାହା ସମ୍ଭବ ନ ହେବାରୁ ସେ ନିରାଶରେ ଫେରିଯାଇଥିବା କୁହାଯାଉଛି।



ଫେଲ ମାରିଲା ରଫାଦଫା ଉଦ୍ୟମ









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ